ସମ୍ବାଦ

# ମେଗା ଚାରା ରୋପଣ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ




ନୂଆପଡ଼ା, ୨୩।୮ (ଇମିସ): ନୂଆପଡ଼ା ଜିଲ୍ଲା ନ୍ୟାସନାଲ କଲେଜରେ ଗୁରୁବାର ରାଷ୍ଟ୍ରୀୟ ସେବା ଯୋଜନା ପକ୍ଷରୁ ମେଗା ଚାରାରୋପଣ ପାଇଁ ଏକ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୨୨ରୁ ଆରମ୍ଭ ହୋଇ ୨୮ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପି ଚାଲିବ। ଏଥି ନିମନ୍ତେ ଚାରାରୋପଣର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। କଲେଜ ଅଧ୍ୟକ୍ଷ ପ୍ରଫେସର ହିତେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଦୁର୍ଲ୍ଲଭ ଚରଣ ବେହେରା, ଡ. ପ୍ରମୋଦ ରାଉତ, ପିରାମଲ ଫାଉଣ୍ଡେସନର ଭବାନୀଶଙ୍କର ନାୟକ, ନର୍ଗିସ ପର୍ବିନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ଗୋପୀ ଗୋପାଲ ସୁନା କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିବା ବେଳେ ଜିଲ୍ଲା ଯୁବ ରେଡକ୍ରସ ଆବାହକ-ସଂପାଦକ ଶିବ ପ୍ରସାଦ ସା ଧନ୍ୟବାଦ ଦେଇଥିଲେ। ଶୁକ୍ରବାର ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଅଶ୍ୱିନୀ ପାଣିଗ୍ରାହୀ ଓ ରତନ କେତକୀ ଅତିଥି ଭାବେ ଯୋଗ ଦେଇଥିଲେ।